**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୨,୭୪,୮୬,୦୮୪ | ୫୫,୫୫,୮୨୮ | ୨୬,୬୮,୯୨,୩୬୫ |
| ଭାରତ | ୩,୭୧,୨୨,୧୬୪ | ୪,୮୬,୦୯୪ | ୩,୫୦,୮୫,୭୨୧ |
| ଓଡ଼ିଶା | ୧୧,୩୩,୯୧୨ | ୮୪୮୧(+୫୩) | ୧୦,୬୦,୦୬୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୧୩୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୧୬।୧:** ଅନୁଗୋଳ ଜିଲାରେ ଦୈନିକ କୋଭିଡ୍ ପଜିଟିଭ୍ ସଂଖ୍ୟା ଲଗାତର ଶହେ ଉପରେ ରହିଛି। ଶନିବାର ଜିଲାରୁ ୧୩୨ ଜଣ ସଂକ୍ରମିତ ଚିହ୍ନଟ ହେବା ଜିଲାବାସୀଙ୍କୁ ଚିନ୍ତାରେ ପକାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକ ଅଞ୍ଚଳରୁ ୨୩ ଜଣ, ବଣ୍ଟରପାଳ ବ୍ଲକ ଅଞ୍ଚଳରୁ ୩୮, ଅନୁଗୋଳ ପୌରାଞ୍ଚଳରୁ ୨୫, ତାଳଚେର ପୌରାଞ୍ଚଳରୁ ୧୩, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୧୬, ପାଲଲହଡା ବ୍ଲକରୁ ୭, ଅନୁଗୋଳ ବ୍ଲକରୁ ୫, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୨ ଓ ଆଠମଲ୍ଲିକ ବ୍ଲକରୁ ୩ ଜଣ ଅଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୪୫ ହଜାର ୨୩୬ରେ ପହଞ୍ଚିଛି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୫ ଲକ୍ଷ ୩୬ ହଜାର ୫୧୨ ଜଣଙ୍କୁ ଟିକା ଦିଆସରିଛି।

### ନାବାଳିକା ବିବାହ ରୋକିଲା ଚାଇଲ୍ଡ ଲାଇନ

**ଅନୁଗୋଳ ଅଫିସ,୧୬।୧:** ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକରେ ଏକ ନାବାଳିକା ବିବାହ ରୋକିଛି ଚାଇଲ୍ଡ ଲାଇନ୍। ଆସନ୍ତା ୨୭ ତାରିଖରେ ସମ୍ପୃକ୍ତା ନାବାଳିକାଙ୍କ ବିବାହ ସ୍ଥିର ହୋଇଥିଲା। ହେଲେ ଏ ନେଇ ଚାଇଲ୍ଡ ଲାଇନକୁ ସୂଚନା ମିଳିବା ପରେ ଟିମ୍ ଲିଡର କାଜଲ ପ୍ରଧାନ ଓ ଏକଲବ୍ୟ ମାଟିଆରୀ ପାଲଲହଡ଼ା ସିଡିପିଓ ଢରା କିଷାନଙ୍କ ସହ ଉକ୍ତ ଗାଁରେ ପହଞ୍ଚି ନାବାଳିକାଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଝିଅର ବୟସ ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ତାଙ୍କୁ ବିବାହ ଦେବା ଆଇନଗତ ଅପରାଧ ବୋଲି କୁହାଯିବା ପରେ ବିବାହ ରୋକିବାକୁ ପରିବାର ଲୋକେ ରାଜି ହୋଇଥିଲେ। ଏ ନେଇ ସେମାନେ ଲିଖିତ ଭାବେ ଚାଇଲ୍ଡ ଲାଇନକୁ ଦେଇଥିବା ସୂଚନା ମିଳିଛି।

### ୩ ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ

**ଅନୁଗୋଳ ଅଫିସ,୧୬।୧:** ମଦ ଦୋକାନରେ ପଶି ବନ୍ଧୁକ ଦେଖାଇ ୯୦ ହଜାର ଟଙ୍କା ଲୁଟି ନେବା ଅଭିଯୋଗରେ ତାଳଚେର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ



କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଗତ ନଭେମ୍ବର ୨ ତାରିଖ ପୂର୍ବାହ୍ନ ୯ଟା ବେଳେ ଟିଟିପିଏସ୍ ନିକଟରେ ଥିବା ବିଦେଶୀ ମଦ ଦୋକାନରୁ ଲୁଟ୍ ହୋଇଥିଲା। ତାଳଚେର ଓ ପରଜଙ୍ଗ ଥାନା ଅଞ୍ଚଳର ୩ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସି ମଦ ଦୋକାନରେ ପଶି ବନ୍ଧୁକ ଦେଖାଇ କ୍ୟାଶ କାଉଣ୍ଟରରୁ ୯୦ ହଜାର ଟଙ୍କା, ଦୁଇଟି ମୋବାଇଲ ଲୁଟି ନେଇଥିବା କୁମୁଦ ରଞ୍ଜନ ସାମଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୬୫/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗିରଫ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ବନ୍ଧୁକ, ୧୦ ହଜାର ୫ଶହ ଟଙ୍କା ଓ ୨ଟି ବାଇକ୍ ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି।

### କୋର୍ଟ କ୍ୟାମ୍ପସ କଣ୍ଟେନ୍‌ମେଣ୍ଟ ଘୋଷଣା

**ଅନୁଗୋଳ ଅଫିସ,୧୬।୧:** ଅନୁଗୋଳ ଜିଲା ଓ ସେସନ ଜଜ୍ କୋର୍ଟର କେତେଜଣ କର୍ମଚାରୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବାରୁ ପ୍ରଶାସନ ପକ୍ଷରୁ କୋର୍ଟ ପରିସରକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଆସନ୍ତା ୧୭ ତାରିଖରୁ ୩୧ ଜାନୁୟାରୀ ପର୍ଯ୍ୟନ୍ତ ଏହି ଅଞ୍ଚଳକୁ ସର୍ବସାଧାରଣଙ୍କ ପ୍ରବେଶ ନିଷେଧ କରାଯାଇଛି ବୋଲି ଉପଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ଅନୁଗୋଳଙ୍କ ପକ୍ଷରୁ ଜଣାଇ ଦିଆଯାଇଛି।

### ମଦ ଜବତ, ଜଣେ ଗିରଫ

**ବଇଣ୍ଡା,୧୬।୧(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଘନପୁର ଗ୍ରାମରେ ଶନିବାର ହଣ୍ଡପା ପୋଲିସ ଚଢ଼ାଉ କରି ନବୀନ ପ୍ରଧାନଙ୍କ ଘରୁ ୪୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି, ନବୀନ ଘରେ ଚୋରାରେ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଖବରପାଇ ହଣ୍ଡପା ଏଏସ୍‌ଆଇ ସୁନାକର ସ୍ୱାଇଁ ଚଢ଼ାଉ କରି ନବୀନଙ୍କୁ ଗିରଫ କରିଥିଲା।

## ହାତୀ ପାଟିରେ ସଂକ୍ରମଣ
# ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା

**ପରଜଙ୍ଗ, ୧୬।୧(ଡି.ଏନ୍.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ଆମ୍ବପଳାସ ବିଟ୍ ଅନ୍ତର୍ଗତ ଖେସରା ଜଙ୍ଗଲରେ ଅସୁସ୍ଥ ହୋଇ ବିଚରଣ କରୁଥିବା ଏକ ମାଇ ହାତୀକୁ ରବିବାର ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା କରାଯାଇଛି। କପିଳାସର ଡାକ୍ତର ଅସିତ୍ ଚକ୍ରବର୍ତ୍ତୀ ଏବଂ ଶିମିଳିପାଳରୁ ଆସିଥିବା ଡାକ୍ତର କିଶୋର ବନ କର୍ମଚାରୀଙ୍କ ସହାୟତାରେ ହାତୀର ଚିକିତ୍ସା କରିବା ସହିତ ଆବଶ୍ୟକ ଆଣ୍ଟିବାୟୋଟିକ୍ ଦେଇଥିଲେ।

ମହାବିରୋଡ ରେଞ୍ଜ ଦାୟିତ୍ୱରେ ଥିବା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ସତ୍ୟନାରାୟଣ ସାହୁଙ୍କ କହିବା କଥା, ଉକ୍ତ ମାଇହାତୀର ଆନୁମାନିକ ବୟସ ୫ରୁ ୬ବର୍ଷ। ଏହାର ମୂଳ ବାସସ୍ଥଳୀ ଖମାର ରେଞ୍ଜ୍। କୌଣସି କାରଣରୁ ସେ ଦଳ ପରିତ୍ୟାଗ କରି ପ୍ରଥମେ ପଙ୍ଗାତୀରା ଏବଂ ପରେ ଆମ୍ବପଳାସ ବିଟ୍‌କୁ ଚାଲି ଆସିଛି। ଅସୁସ୍ଥ ଅବସ୍ଥାରେ ବିଚରଣ କରୁଥିବା ସୂଚନା ମିଳିଥିଲା। ଖାଦ୍ୟ ଖାଇବା ସମୟରେ ଏହାର ପାଟିରେ ଆଘାତ ଲାଗି ଗଭୀର ସଂକ୍ରମଣ ହୋଇଯାଇଛି। ତେଣୁ ସେ ଠିକ୍ ଭାବେ ଖିଆପିଆ କରି ନ ପାରି ଦୁର୍ବଳ ହୋଇପଡ଼ିଛି। ଚିକିତ୍ସା ପରେ ବନ ବିଭାଗ କର୍ମଚାରୀ ଏହା ଉପରେ ନଜର ରଖିଥିବା ରେଞ୍ଜର ସୂଚନା ଦେଇଛନ୍ତି। ହାତୀ ଚିକିତ୍ସା ସମୟରେ ଏସିଏଫ୍ ସୁବ୍ରତ ପାତ୍ର, ଫରେଷ୍ଟ ଗାର୍ଡ ଲୁସ୍ମିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଚିକିତ୍ସା ପୂର୍ବରୁ ହାତୀକୁ ଟ୍ରାଙ୍କୁଲାଇଜ କରାଯାଇଛି।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ, ଆଜିଠୁ ନାମାଙ୍କନ

**ଢେଙ୍କାନାଳ ଅଫିସ,୧୬।୧**

ଢେଙ୍କାନାଳ ଜିଲାରେ ୪ ପର୍ଯ୍ୟାୟରେ ଫେବୃଆରୀ ୧୬, ୧୮, ୨୦ ଏବଂ ୨୨ ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ସୋମବାରଠାରୁ ୨୧ ତାରିଖ ଯାଏ ସମସ୍ତ ପଦପଦବୀରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଏଥିଲାଗି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ସମୟ ଧାର୍ଯ୍ୟ କରାଯାଇଛି। ଜିଲା ପରିଷଦ ଆସନ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମିତି ସଭ୍ୟ ପାଇଁ ବ୍ଲକ କାର୍ଯ୍ୟାଳୟ, ସରପଞ୍ଚ ଓ ୱାର୍ଡସଭ୍ୟ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଆଶାୟୀମାନେ ପ୍ରାର୍ଥିପତ୍ର ଦାଖଲ କରିବେ। ୨୨ ତାରିଖରେ ନାମାଙ୍କନ ଯାଞ୍ଚ, ୨୩ରେ ତାଲିକା ପ୍ରକାଶ, ୨୫ ତାରିଖ ଅପରାହ୍ନ ୩ ସୁଦ୍ଧା ନାମାଙ୍କନ ପ୍ରତ୍ୟାହାର ଏବଂ ଏହାର ଠିକ୍ ପରେ ପରେ ଚୂଡାନ୍ତ ତାଲିକା ପ୍ରକାଶିତ ହେବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ଚନ୍ଦ୍ରଶେଖର ମହାରଣା ସୂଚନା ଦେଇଛନ୍ତି।

ଜିଲାରେ ୮ ବ୍ଲକର ୨୭ ଜିଲା ପରିଷଦ, ୨୧୨ ସରପଞ୍ଚ ଓ ସମିତିସଭ୍ୟ ଏବଂ ୨,୮୮୧ ୱାର୍ଡମେମ୍ବର ପଦବୀରେ ନିର୍ବାଚନ ହେବ। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୬ରେ ହିନ୍ଦୋଳ ବ୍ଲକ (୪ ଜିଲା ପରିଷଦ, ୩୫ ସରପଞ୍ଚ ଓ ସମିତିସଭ୍ୟ, ୪୪୬ ୱାର୍ଡସଭ୍ୟ) ଏବଂ ଗଁନ୍ଦିଆ ବ୍ଲକ (୪ ଜିଲା ପରିଷଦ, ୨୯ ସରପଞ୍ଚ ଓ ସମିତିସଭ୍ୟ, ୪୨୬ ୱାର୍ଡସଭ୍ୟ)ରେ ମତଦାନ ହେବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟ (୧୮ ତାରିଖ)ରେ ଓଡ଼ାପଡ଼ା ଏବଂ ଢେଙ୍କାନାଳ ସଦର, ତୃତୀୟ ପର୍ଯ୍ୟାୟ (୨୦ ତାରିଖ)ରେ ପରଜଙ୍ଗ ଓ କାମାକ୍ଷାନଗର ବ୍ଲକ ଏବଂ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ (୨୨ ତାରିଖ)ରେ କଙ୍କଡାହାଡ ଓ ଭୁବନ ବ୍ଲକରେ ନିର୍ବାଚନ ହେବ।

# ଅଚଳ ଷ୍ଟ୍ରିଟ୍ ଲାଇଟ ମରାମତି ହେଉନି



**ବଇଣ୍ଡା,୧୬।୧(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତରେ ଥିବା ବଇଣ୍ଡା ଛକ ଓ ଆଠମଲ୍ଲିକ ରୋଡ୍ ଓଭରବ୍ରିଜ୍ ନିକଟରେ ଲାଗିଥିବା ଷ୍ଟ୍ରିଟ ଲାଇଟଗୁଡିକ ଦୀର୍ଘ ୧ ବର୍ଷ ହେବ ଅଚଳ ହୋଇପଡିଛି। ପଞ୍ଚାୟତ ଅଧୀନରେ ଏହି ଷ୍ଟ୍ରିଟ ଲାଇଟ ଥିଲେ ମଧ୍ୟ ମରାମତି କରାଯାଉନାହିଁ। ଫଳରେ ବ୍ୟବସାୟୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବଇଣ୍ଡା ଛକ ଓ ଷ୍ଟେଶନ ରାସ୍ତାର ଆଲୋକୀକରଣ କରିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଏହି ଷ୍ଟ୍ରିଟ ଲାଇଟ ଲଗାଯାଇଥିଲା। ହେଲେ ପଞ୍ଚାୟତ ପକ୍ଷରୁ ଏହାର ଉପଯୁକ୍ତ ରକ୍ଷାଣାବେକ୍ଷଣ କରା ନ ଯିବାରୁ ଲାଇଟଗୁଡିକ ଅଚଳ ହୋଇପଡିଛି। ଏପରି କି ବିଦ୍ୟୁତ୍ ବିଲ୍ ମଧ୍ୟ ଠିକ୍ ଭାବରେ ପୈଠ କରାଯାଇ ନାହିଁ। ନୁନୁକାପଶି ପଞ୍ଚାୟତ ପ୍ରଶାସନ ଭଲ ରାଜସ୍ୱ ଆଦାୟ କରୁଥିଲେ ମଧ୍ୟ ବିକାଶମୂଳକ କାର୍ଯ୍ୟ ପ୍ରତି ଧ୍ୟାନ ଦେଉ ନ ଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବହୁବାର ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କରାଗଲେ ମଧ୍ୟ ସୁଫଳ ମିଳୁନାହିଁ। ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଏପରି ଅବହେଳାର ଯୋଗୁ ରାତିରେ ଚୋରି ଘଟଣା ବଢ଼ିବାରେ ଲାଗିଛି। ତୁରନ୍ତ ଷ୍ଟ୍ରିଟ ଲାଇଟ ସଚଳ କରିବା ପାଇଁ ଗ୍ରାମବାସୀ ଜିଲାପାଳ ଓ ଆଠମଲ୍ଲିକ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୁମୁଦ ଚନ୍ଦ୍ର ମାଝି କହିଛନ୍ତି, ଶୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି

## ୧୫ ଲକ୍ଷ ଆତ୍ମସାତ୍ ଅଭିଯୋଗ

**ଢେଙ୍କାନାଳ ଅଫିସ,୧୬।୧**

ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା ପ୍ରକଳ୍ପ କାର୍ଯ୍ୟରେ ମହାଦୁର୍ନୀତି କରାଯାଇଥିବା ଉଦୟଭାନୁ ଦାସ ଅଭିଯୋଗ ଆଣିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ପଞ୍ଚାୟତିରାଜ ମନ୍ତ୍ରୀ, ଉନ୍ନୟନ କମିଶନର, ଭିଜିଲାନ୍ସ ନିର୍ଦ୍ଦେଶକ, ଭିଜିଲାନ୍ସ ଏସ୍‌ପି, ଖଣିମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ଖମାର ଶ୍ମଶାନ ପଡ଼ିଆ, ଖମାର ଶ୍ମଶାନ ଘାଟ, ଖମାର କୁଶବଣିଆରେ ୩ଟି ଟ୍ରେଞ୍ଚ୍ ନିର୍ମାଣ ନାମରେ ୫ ଲକ୍ଷ ଟଙ୍କା ଲେଖାଏ ମୋଟ୍ ୧୫ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଛି। କାମ ନ କରି ହିତାଧିକାରୀଙ୍କ ନାମରେ ଜିଲା ବାହାର ବ୍ୟାଙ୍କରେ ଆକାଉଣ୍ଟ ଖୋଲି ମିଥ୍ୟା ବିଲ୍ କରାଯାଇ ଟଙ୍କା ଆତ୍ମସାତ୍ କରାଯାଇଛି। କ୍ଷେତ୍ରସ୍ତରରେ ତଦନ୍ତ କରାଗଲେ ପଞ୍ଚାୟତରେ ଏଭଳି ଅନେକ ଦୁର୍ନୀତି ପଦାକୁ ଆସିପାରିବ ବୋଲି ଉଦୟଭାନୁ କହିଛନ୍ତି। ଏ ସଂକ୍ରାନ୍ତରେ ସଦର ବିଡିଓ ସୁଧୀର କୁମାର ନାୟକ କୁହନ୍ତି, ତାଙ୍କ ନିକଟରେ ଏଭଳି କୌଣସି ଅଭିଯୋଗ ହୋଇନାହିଁ। ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ କୁହନ୍ତି, ଏ ସମ୍ପର୍କରେ ସେ ଜାଣିନାହାନ୍ତି। ବୁଝିବା ପରେ ଯାହା କହିହେବ।

# ଦୁର୍ଘଟଣାରେ ହେଲପର ଗୁରୁତର

**ଛେଣ୍ଡିପଦା,୧୬।୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଏକ ପେଟ୍ରୋଲ ପମ୍ପ ନିକଟରେ ଟ୍ୟାଙ୍କର ଓ ଟ୍ରକ୍ ମଧ୍ୟରେ ଧକ୍କା ଲାଗିବାରୁ ଜଣେ ହେଲପର ଗୁରୁତର ହୋଇଛନ୍ତି। ପାରାଦୀପରୁ ଏକ ପେଟ୍ରୋଲ ବୋଝେଇ ଟ୍ୟାଙ୍କର ଗୋପୀନାଥପୁରସ୍ଥିତ ପେଟ୍ରୋଲ ପମ୍ପକୁ ଆସୁଥିବା ବେଳେ ପଛପଟୁ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ପେଟ୍ରୋଲ ଟ୍ୟାଙ୍କରରେ ଥିବା ଖଲାସି କାଳିଆ ସାହୁ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

# ୧୨ ପ୍ରଶିକ୍ଷାର୍ଥୀଙ୍କୁ ବ୍ଲାକ୍‌ବେଲ୍ଟ





ଅତିଥିଙ୍କ ସହ ବ୍ଲାକ ବେଲ୍‌ଟ ହାସଲ କରିଥିବା ଛାତ୍ରୀଛାତ୍ରମାନେ।

**ଅନୁଗୋଳ ଅଫିସ,୧୬।୧**

ଅନୁଗୋଳ ପିଟିସି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଉତ୍କଳ କ୍ୟାକୁସିନ କରାଟେ ଓ ଯୋଗ ସଙ୍ଗଠନ ପକ୍ଷରୁ ବେଲ୍‌ଟ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କେଦାର ବେହେରା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସଙ୍ଗଠକ ଅକ୍ଷୟ କୁମାର ଦାସ ଯୋଗଦେଇ ୭୦ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଏବଂ ୧୨ ଜଣଙ୍କୁ ବ୍ଲାକବେଲ୍‌ଟ ପ୍ରଦାନ କରିଥିଲେ। ସଙ୍ଗଠନ ଉପସଭାପତି ବିଶ୍ୱରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କବିନ ଚନ୍ଦ୍ର ଗଡ଼ନାୟକ, ସଂଯୋଜକ ମନୋଜ ଆଦିତ୍ୟ ଦାସ, କୋଷାଧ୍ୟକ୍ଷ ସୌମ୍ୟ ରଞ୍ଜନ ବେହେରା ଏବଂ ପ୍ରଶିକ୍ଷକ ବାସୁଦେବ ସାହୁ ଉପସ୍ଥିତ ରହି ସମାରୋହ ପରିଚାଳନା କରିଥିଲେ।

# ଛଡ଼ାଇ ନେଲେ ୨.୭୫ ଲକ୍ଷ

**ପରଜଙ୍ଗ, ୧୬।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ପରମହଂସପୁର ଗ୍ରାମ ଦେଇଯାଇଥିବା ୧୪୯ନଂ. ଜାତୀୟ ରାଜପଥରେ ରବିବାର ସନ୍ଧ୍ୟାରେ ଲୁଟ୍ ହୋଇଛି। ବାଇକ୍‌ରେ ଯାଉଥିବା ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଦୁଇଜଣ ଅଭିଯୁକ୍ତ ୨.୭୫ ଲକ୍ଷ ଟଙ୍କା ଛଡ଼ାଇ ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ପରମହଂସପୁରସ୍ଥିତ ଦେହୁରୀ ପେଟ୍ରୋଲ ପମ୍ପ ମ୍ୟାନେଜର ସଞ୍ଜୟ ୨ ଲକ୍ଷ ୭୫ ହଜାର ଟଙ୍କା ମାଲିକଙ୍କୁ ଦେବାକୁ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ୨ ଜଣ ଯୁବକ ଏକ ବାଇକ୍‌ରେ ତାଙ୍କର ପିଛା କରିଥିଲେ। ପରେ ସଞ୍ଜୟଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ବ୍ୟାଗ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ।

# ଦୁର୍ଗମାଞ୍ଚଳବାସୀଙ୍କୁ ଶୀତବସ୍ତ୍ର



କାନ୍ତୋଲ ପଞ୍ଚାୟତର ଦୁର୍ଗମ ପୁଟିପାଳ ଗ୍ରାମରେ ଶୀତବସ୍ତ୍ର ବଣ୍ଟନ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୬।୧**

ଢେଙ୍କାନାଳର ଯୁବ ସ୍ୱେଚ୍ଛାସେବୀ ସଙ୍ଗଠନ ବଜରଙ୍ଗ କ୍ଲବ ପକ୍ଷରୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଥିବା କଙ୍କଡ଼ାହାଡ଼ ବ୍ଲକ କାନ୍ତୋଲ ପଞ୍ଚାୟତର ଦୁର୍ଗମ ପୁଟିପାଳ ଗ୍ରାମରେ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଜୁଆଙ୍ଗ ଆଦିବାସୀ ବହୁଳ ଏହି ଗ୍ରାମରେ ୩୩ ପରିବାରର ୧୬୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଗ୍ରାମବାସୀ ବଡ଼କଷ୍ଟରେ କାଳତିପାତ କରୁଛନ୍ତି। ତେଣୁ ବଜରଙ୍ଗ କ୍ଲବ ପକ୍ଷରୁ ସେମାନଙ୍କ ଲାଗି ଅଭିଯାନ ଆରମ୍ଭ କରାଯାଇଥିଲା। ତଦନୁଯାୟୀ ବିଭିନ୍ନ ବ୍ୟକ୍ତି, ଅନୁଷ୍ଠାନରୁ ଶୀତବସ୍ତ୍ର, କମ୍ବଳ, ଶୁଖିଲା ଖାଦ୍ୟ ସଂଗ୍ରହ କରାଯାଇଛି। ଛୋଟ ପିଲାଙ୍କୁ ମିଠା ବଣ୍ଟାଯାଇଥିଲା। କ୍ଲବ୍ ସଭାପତି ଅମରେନ୍ଦ୍ର ସାମଲ, ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ପ୍ରିୟବ୍ରତ ସାସମଲ୍, ବରିଷ୍ଠ ସଭ୍ୟ ଦୀପକ ଅଗ୍ରୱାଲ, ମଳୟ ବିନ୍ଧାଣି, ରବୀନ୍ଦ୍ର ସୋନୀ, ସନ୍ଦୀପ ଷଡ଼ଙ୍ଗୀ, ବ୍ଲକ ସୂଚନା ବିଭାଗ ମୁଖ୍ୟ ପ୍ରବୀଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶାଗୁଆନ ଗଛ ଚୋରି ଉଦ୍ୟମ

**ଅନୁଗୋଳ ଅଫିସ, ୧୬।୧**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ପୁରୁଣା ଡାକ୍ତର କଲୋନୀ ପରିସରରେ ଥିବା ଏକ ବଡ଼ ଶାଗୁଆନ ଗଛକୁ ଶନିବାର ରାତିରେ କାଟି ନେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଗଛ ପଡ଼ିବାର ଶବ୍ଦ ଶୁଣି ସୁରକ୍ଷା କର୍ମୀମାନେ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ ଗଣ୍ଡି ନେଇ ନ ପାରି ଛାଡି ପଳାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁରୁଣା କଲୋନୀର କ୍ୱାର୍ଟର୍ସଗୁଡ଼ିକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିବା ବେଳେ ସୁରକ୍ଷା ଅଭାବରୁ ଦୁର୍ବୃତ୍ତମାନେ କେତେବେଳେ ପଙ୍ଖା, କବାଟ ଝରକା ତ ଆଉ କେତେବେଳେ ଅନ୍ୟ ସାମଗ୍ରୀ ଚୋରାଇ ନେବାକୁ ଉଦ୍ୟମ କୁହାଯାଉଛି।

# ଭୋଟ୍ ବର୍ଜନ କରିବ ଆଦିବାସୀ ସମାଜ

**ଆଠମଲ୍ଲିକ,୧୬।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ଗୁରୁ ଗୋବର୍ଦ୍ଧନ ବିହାର ନିକଟସ୍ଥ ଜଂଘା ବଡ଼ଦେବ ଗୋଷ୍ଠୀକେନ୍ଦ୍ରଠାରେ ରବିବାର ସମ୍ମିଳିତ ଆଦିବାସୀ ସମାଜର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଆବାହକ ଗୋଣ୍ଡୱାନ ମହାସଭାର ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକଙ୍କ ଆହ୍ୱାନରେ ଏହି ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ପ୍ରମୁଖ ୮ଟି ଆଦିବାସୀ ସମାଜ ମଧ୍ୟରୁ ୬ଟି ସମାଜର ଜିଲା ସଭାପତି, ବ୍ଲକ ସଭାପତି ଓ ବ୍ଲକ ସଂଯୋଜକ ସଦାଶିବ ନାୟକ, ଭୀମସେନ ମାଝି, ବସନ୍ତ କୁମାର ପ୍ରଧାନ, ଚନ୍ଦ୍ର ମୋହନ ମୁଣ୍ଡରୀ, ଧ୍ୱଜ ଦେହୁରୀ, ମହାଦେବ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ସରକାରଙ୍କ ଆଦିବାସୀ ବିରୋଧୀ ନୀତିକୁ ସମାଲୋଚନା ସହିତ ସାମ୍ବିଧାନିକ ଅଧିକାର ପାଇଁ ସୁପ୍ରିମକୋର୍ଟ ଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରି ଜିଲା, ବ୍ଲକ, ପଞ୍ଚାୟତସ୍ତର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ନିଷ୍ପତ୍ତି ନିଆଯାଇଥିଲା।



ବୈଠକରେ ଉପସ୍ଥିତ ଆଦିବାସୀ ସମାଜର କର୍ମକର୍ତ୍ତାମାନେ।

# ପୋଖରୀରେ ବୁଡ଼ି ରାଜମିସ୍ତ୍ରି ମୃତ

**ସାତମାଇଲ, ୧୬।୧(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅନ୍ତର୍ଗତ ବାଲିମୀ ଗ୍ରାମର ଗୌରାଙ୍ଗ ଜେନାମଣି (୬୨)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଗୁରୁବାର ଅପରାହ୍ନରେ ସେ କାମସାରି ଦେହୁରୀ ଗଡ଼ିଆକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପୋଖରୀ ହୁଡ଼ାରେ ସାଇକେଲ, ଚପଲ, ଲୁଙ୍ଗି ରଖାଯାଇଥିବାରୁ ସେ ପାଣିରେ ବୁଡ଼ିଯାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ସୂଚନା ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ପରେ ପରିବାର ଲୋକେ ଥାନାରେ ନିଖୋଜ ମାମଲା ରୁଜୁ କରିଥିଲେ। ରବିବାର ସକାଳେ ଗୌରାଙ୍ଗଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଠାବ କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

# ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ

**ବଣ୍ଟରପାଳ,୧୬।୧(ଡି.ଏନ.ଏ.)**

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ବଣ୍ଟରପାଳଠାରୁ ଅନୁଗୋଳ ସହର ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ବଡ଼ବଡ଼ ଖାଲଖମା ସହ ଅନେକ ସ୍ଥାନରେ ଗର୍ତ୍ତମାନ ସୃଷ୍ଟି ହୋଇଛି। ଫଳରେ ଦୈନିକ ଦୁର୍ଘଟଣାମାନ ଘଟି ଧନଜୀବନ ହାନି ହେଉଛି। ବିଶେଷକରି ବାଇକ୍ ଚାଳକମାନଙ୍କ ପାଇଁ ଏହି ରାସ୍ତା ଏକପ୍ରକାର ମରଣଯନ୍ତା ପାଲଟିଥିବା କୁହାଯାଉଛି। ଖାଲଗୁଡ଼ିକରେ ବର୍ଷା ପାଣି ଜମି ରହିଥିବାରୁ ବାଇକ୍ ଚାଳକମାନେ ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। କୁଲାଡ଼ ଛକଠାରୁ ଏଫ୍‌ସିଆଇ ଛକ ମାତ୍ର ୨ କିଲୋମିଟର ମଧ୍ୟରେ ଗତ ୩ ମାସ ମଧ୍ୟରେ ଦୁର୍ଘଟଣାରେ ୩ ଜଣଙ୍କ ପ୍ରାଣହାନି ହେଲାଣି। ପ୍ରଥମେ ନାଲ୍‌କୋ କର୍ମଚାରୀ ଦୁଷ୍ମନ୍ତ ଦେହୁରୀଙ୍କ ଜୀବନ ଏହି ରାଜପଥରେ ଯାଇଥିଲା। ଏହାପରେ ଗତମାସରେ ଡିପିଏସ୍ କର୍ମଚାରୀ ବିହାରୀ ଗୋଛାୟତଙ୍କୁ ଏକ ଟ୍ରକ୍ ଚାପି ଦେଇଥିଲା। ଗତ ଶନିବାର ରାତି ୧୦ଟାରେ କୁଲାଡ଼ ଛକଠାରେ ଚନ୍ଦନ ଚୌହାନ ନାମକ ଯୁବକଙ୍କ ଜୀବନ ଯାଇଛି। ସେ ବାଇକ୍‌ରେ ବଣ୍ଟରପାଳଠାରୁ ନାଲ୍‌କୋ ଆଡ଼କୁ ଯାଉଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ଚନ୍ଦନଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ବ୍ୟତୀତ ଏହି ୩ ମାସ ମଧ୍ୟରେ ୪୦ରୁ ଅଧିକ ବାଇକ୍ ଆରୋହୀ ଦୁର୍ଘଟଣାରେ ଆହତ ହେଲେଣି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।



କୁଲାଡ଼ଠାରେ ରାଜପଥର ଶୋଚନୀୟ ଅବସ୍ଥା।

# ରାଜ୍ୟସ୍ତରୀୟ ହେଉ ଜିଲା ଚିକିତ୍ସାଳୟ

**ଢେଙ୍କାନାଳ ଅଫିସ,୧୬।୧**

ଢେଙ୍କାନାଳ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟସ୍ତରୀୟ ଚିକିତ୍ସାଳୟରେ ପରିଣତ କରିବା ପାଇଁ ଉତ୍ଫୁନା ପକ୍ଷରୁ ଦାବି କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ସହିତ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଲାଗି ରବିବାର ଆୟୋଜିତ ବୈଠକରେ ମତ ପ୍ରକାଶ ପାଇଛି।

ଜିଲା ଚିକିତ୍ସାଳୟରେ ପାଥୋଲୋଜିକାଲ ପରୀକ୍ଷା ପାଇଁ ଆବଶ୍ୟକ ଯନ୍ତ୍ରପାତି ନାହିଁ। ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଉପଲବ୍ଧ ଯନ୍ତ୍ରପାତି ପରିଚାଳନା ପାଇଁ ତାଲିମପ୍ରାପ୍ତ ଟେକ୍ନିସିଆନଙ୍କ ଅଭାବ ଲାଗି ରହିଛି। ରୋଗୀମାନେ ଉପଯୁକ୍ତ ସେବା ନ ପାଇ କଟକ ଯାଉଛନ୍ତି। ଆକାଂକ୍ଷା ଜିଲା ଘୋଷଣା ସତ୍ତ୍ୱେ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ନ ପାରିବା ପରିତାପର ବିଷୟ ବୋଲି ଉତ୍ଫୁନାର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ କ୍ଷୋଭବ୍ୟକ୍ତ କରିଛନ୍ତି। ବୈଠକରେ ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ, ପୂର୍ବତନ ମୁଖ୍ୟଯନ୍ତ୍ରୀ ଅକ୍ଷୟ ଶତପଥୀ, ଉପେନ୍ଦ୍ର ରାଉତ, ସରୋଜ ଶତପଥୀ, ଡମ୍ବରୁଧର ପଣ୍ଡା, ପ୍ରଫେସର ଦିଲୀପ ନନ୍ଦ, ବାହାଦୁର ପାଟଶାହାଣୀ, ଅବିନାଶ ଦାସ, ପୀତବାସ ସାହୁ, ଡା. ଅଭିନନ୍ଦନ ପଟ୍ଟନାୟକ, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୬୫ କରୋନା ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ,୧୬।୧**

ଢେଙ୍କାନାଳ ଜିଲାରୁ ରବିବାର ୬୫ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୨, ଭୁବନ ବ୍ଲକରୁ ୩ ଓ ଏନ୍‌ଏସିରୁ ୬, ହିନ୍ଦୋଳ ବ୍ଲକରୁ ୪ ଓ ଏନଏସିରୁ ୧, କାମାକ୍ଷାନଗର ବ୍ଲକରୁ ୯ ଓ ଏନ୍‌ଏସିରୁ ୧୧, ସଦର ବ୍ଲକରୁ ୩, ଗଁନ୍ଦିଆ ବ୍ଲକରୁ ୨, କଙ୍କଡାହାଡ଼ ବ୍ଲକରୁ ୨, ଓଡାପଡା ବ୍ଲକରୁ ୧୯, ପରଜଙ୍ଗ ବ୍ଲକରୁ ୧ ଏବଂ ଅନ୍ୟ ଚିକିତ୍ସାଳୟରୁ ୨ଜଣ ରହିଛନ୍ତି। ଦିନକରେ ୮ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସକ୍ରିୟ ସଂକ୍ରମିତ ସଂଖ୍ୟା ୩୮୮ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

